# NATIONAL NEWS BULLETIN (ODIA)

**11 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଦୁର୍ଗାପୂଜା ଅବସରରେ ଦେଶବାସୀ ଓ ବିଦେଶରେ ରହୁଥିବା ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ୫ ବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ରହୁଥିବା ପରିବାର ଗୁଡ଼ିକର ମାସିକ ଆୟ ୫୭ ପ୍ରତିଶତ ବୃଦ୍ଧି– ସୂଚନା ଦେଲା ନାବାର୍ଡ
- ୧୯ତମ  ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଆଜି ଭାଗ ନେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଲିଙ୍ଗଗତ ଭେଦଭାବ ଦୂର କରି ଶିକ୍ଷା ଓ ସୁବିଧା କ୍ଷେତ୍ରରେ ସମାନ ଅଧିକାର ଯୋଗାଇଦେବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଆନ୍ତର୍ଜାତିକ ବାଳିକା ଦିବସ

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ଅଷ୍ଟ୍ରେଲିଆ ଓ ପାକିସ୍ତାନ

## ରାଷ୍ଟ୍ରପତି–ଦୁର୍ଗାପୂଜା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁର୍ଗାପୂଜା ଅବସରରେ ଦେଶବାସୀ ଓ ବିଦେଶରେ ରହୁଥିବା ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ଦୁର୍ଗାପୂଜାକୁ ମନ୍ଦ ଉପରେ ଭଲର ବିଜୟ ଭାବରେ ପାଳନ କରାଯାଏ । ମାଆ ଦୁର୍ଗାଙ୍କୁ ଶକ୍ତିର ପ୍ରତୀକ ବୋଲି ବିବେଚନା କରାଯାଏ । ରାଷ୍ଟ୍ରପତି କହିଛନ୍ତି ଏହା ଭକ୍ତିର ପର୍ବ ଏବଂ ଏହି ସମୟ ମଧ୍ୟରେ ଆମେ ଆମର ଆଧ୍ୟାତ୍ମିକ ଯାତ୍ରାକୁ ଚେତନାର ଉଚ୍ଚସ୍ତରକୁ ନେଇଥାଉ । ଏହି ପର୍ବ ମାଆ ଦୁର୍ଗାଙ୍କ ପ୍ରତି ନିଜକୁ ସଂପୂର୍ଣ୍ଣ ସମର୍ପିତ କରିବା ଏବଂ ସମସ୍ତ ଧର୍ମ ମଧ୍ୟରେ ଏକତା ଓ ବୁଝାମଣାକୁ ପ୍ରୋତ୍ସାହିତ କରିବାର ଏକ ଅବସର।

ରାଷ୍ଟ୍ରପତି କହିଛନ୍ତି ମାଆ ଦୁର୍ଗା ଆମକୁ ଏକ ନ୍ୟାୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସମଭାବାପନ୍ନ ସମାଜ ଗଠନ ପାଇଁ ଶକ୍ତି, ସାହସ ଓ ସଂକଳ୍ପ ଦିଅନ୍ତୁ । ରାଷ୍ଟ୍ରପତି ଏହି ଅବସରରେ ମହିଳାମାନଙ୍କ ପ୍ରତି ଅତ୍ୟନ୍ତ ସମ୍ମାନର ସହ ବ୍ୟବହାର କରିବାକୁ ସଂକଳ୍ପ ନେବା ଲାଗି ଆହ୍ୱାନ ଦେଇଛନ୍ତି ।

# ନାବାର୍ଡ-ସର୍ଭେ

୫ ବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ରହୁଥିବା ପରିବାର ଗୁଡ଼ିକର ମାସିକ ଆୟରେ ୫୭ ପ୍ରତିଶତ ବୃଦ୍ଧି ଘଟିଛି । ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ-ନାବାର୍ଡ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୫୭ ପ୍ରତିଶତ ବୃଦ୍ଧି ଘଟିଥିବା କୁହାଯାଇଛି । ସର୍ବେକ୍ଷଣ ଅନୁଯାୟୀ ୨୦୧୬-୧୭ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳ ପରିବାରର ମାସିକ ଆମଦାନୀ ୮ ହଜାର ୫୯

ଟଙ୍କା ଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ଏହା ବୃଦ୍ଧି ପାଇ ୧୨ ହଜାର ୬୯୮ ଟଙ୍କାରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ସଂପୃକ୍ତ ପରିବାର ଗୁଡ଼ିକର ଖର୍ଚ୍ଚ ସୀମା ମଧ୍ୟ ବୃଦ୍ଧି ପାଇଛି । ୨୦୧୬-୧୭ରେ ଖର୍ଚ୍ଚ ସୀମା ୬ ହଜାର ୬୦୦ ଟଙ୍କା ଥିବା ବେଳେ, ଏହା ୨୦୨୧-୨୨ ସୁଦ୍ଧା ୧୧ ହଜାର ୨୦୦ ଟଙ୍କାକୁ ବୃଦ୍ଧି ପାଇଛି ।

ସର୍ବେକ୍ଷଣ ଅନୁଯାୟୀ ଏହି ସମୟ ମଧ୍ୟରେ ସଞ୍ଚୟ  ପରିମାଣ ବୃଦ୍ଧି ପାଇଛି । ଏହା ୯ ହଜାର ୧୦୦ ଟଙ୍କାରୁ ୧୩ ହଜାର ୨୦୦ ଟଙ୍କାକୁ ବୃଦ୍ଧି ପାଇଥିବା କୁହାଯାଇଛି । ୫ ବର୍ଷ ମଧ୍ୟରେ ପ୍ରାୟ ୬୬ ପ୍ରତିଶତ ପରିବାରର ସଞ୍ଚୟ ପରିମାଣ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ।

ସେହି ସମୟ ମଧ୍ୟରେ ଗ୍ରାମାଞ୍ଚଳ ପରିବାର ଗୁଡ଼ିକର ବୀମା ପରିସୀମାରେ ୨୫ ଦଶମିକ ୫ ପ୍ରତିଶତ ବୃଦ୍ଧି ଘଟିଛି ।

ରିପୋର୍ଟ ଅନୁଯାୟୀ  ଗ୍ରାମାଞ୍ଚଳର କୃଷକମାନଙ୍କ ଆର୍ଥିକ ପରିଚାଳନା କ୍ଷେତ୍ରରେ କିଷାନ କ୍ରେଡିଟ୍ କାର୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପେନ୍‌ସନ୍ କ୍ଷେତ୍ରରେ ୧୯ ପ୍ରତିଶତ ବୃଦ୍ଧି ପାଇ ୨୩ ଦଶମିକ ୫ ପ୍ରତିଶତ ହୋଇଥିବା ବେଳେ ବାକି ଥିବା ଋଣ ପରିମାଣ ୪୭ ପ୍ରତିଶତରୁ ୫୨ ପ୍ରତିଶତକୁ ବୃଦ୍ଧି ପାଇଛି ।

# ପ୍ରଧାନମନ୍ତ୍ରୀ-ପୂର୍ବ ଏସିଆ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲାଓ ପିପୁଲସ୍ ଡେମୋକ୍ରାଟିକ୍ ରିପବ୍ଲିକ୍‌ର ରାଜଧାନୀ ଭିଏଣ୍ଟିଆନା ଠାରେ ୧୯ତମ  ପୂର୍ବ ଏସିଆ ଶିଖର

ସମ୍ମିଳନୀରେ ଭାଗ ନେବେ । ଏହି ସମ୍ମିଳନୀରେ ବିଶ୍ୱର ନେତାମାନେ ଆଞ୍ଚଳିକ ତଥା ବିଶ୍ୱସ୍ତରରେ ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ବିଚାର ଆଲୋଚନା କରିବେ । ପୂର୍ବ ଏସିଆ ଶିଖର ସମ୍ମିଳନୀରେ ୧୦ଟି ଆସିଆନ୍ ଦେଶ ସମେତ ୮ଟି ଅନ୍ୟ ଦେଶ ସାମିଲ ହୋଇଛନ୍ତି । ସେହି ଦେଶଗୁଡ଼ିକ ହେଉଛି ଅଷ୍ଟ୍ରେଲିଆ, ଚୀନ୍, ଭାରତ, ଜାପାନ, ଦକ୍ଷିଣ କୋରିଆ, ନିଉଜିଲ୍ୟାଣ୍ଡ, ରୁଷ୍ ଏବଂ ଆମେରିକା । ଏହି ସମ୍ମିଳନୀରେ ତିମୋର ଲେସ୍ତେ ପର୍ଯ୍ୟବେକ୍ଷକ ଦେଶ ଭାବେ ସାମିଲ ହେବ । ୨୦୦୫ ମସିହା ଠାରୁ ବିଭିନ୍ନ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା, ସମୃଦ୍ଧି ଏବଂ ଭରସା ସ୍ଥାପନ ଉଦ୍ଦେଶ୍ୟରେ ଏଭଳି ସମ୍ମିଳନୀ ଆୟୋଜନ କରାଯାଉଛି ।

ଆଜି ଶିଖର ସମ୍ମିଳନୀରେ ଯୋଗଦେବା ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ବିଭିନ୍ନ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଶ୍ରୀ ମୋଦୀ ଲାଓ ପିଡିଆରର ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଗତକାଲି ଶ୍ରୀ ମୋଦୀ ୨୧ତମ ଆସିଆନ ଭାରତ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିଥିଲେ ।

## ଭାରତ-ଆସିଆନ ସାମୁଦ୍ରିକ ସୁରକ୍ଷା

ଭାରତ ଏବଂ ଆସିଆନ ଦେଶ ସମୂହ ଆନ୍ତର୍ଜାତିକ ଆଇନକୁ ମାନ୍ୟତା ଦେଇ ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସାମୁଦ୍ରିକ ସୁରକ୍ଷା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆସିଆନ ଭାରତ ରଣନୈତିକ ସହଯୋଗକୁ ଦୃଢ଼ କରିବା ସଂପର୍କିତ ବକ୍ତବ୍ୟରେ ଭାରତ ଏବଂ ଆସିଆନ ନେତାମାନେ ଦକ୍ଷିଣ ଚୀନ୍ ସାଗରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକମତ ହୋଇଛନ୍ତି ।

ଆଲୋଚନା କାଳରେ ସାମୁଦ୍ରିକ ଏବଂ ସାଇବର ସୁରକ୍ଷା, ଆତଙ୍କବାଦ ଆନ୍ତର୍ଜାତିକ ଅପରାଧର ମୁକାବିଲା, ବିପର୍ଯ୍ୟୟ ପରିଚାଳନା ମାନବୀୟ ସହାୟତା ଏବଂ ଶାନ୍ତି ସ୍ଥାପନ ଓ କ୍ଷମତା ବୃଦ୍ଧି ଉପାୟ ଗୁଡ଼ିକ କ୍ଷେତ୍ରରେ ସହଯୋଗ ନିମନ୍ତେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି ।

# ଆନ୍ତର୍ଜାତିକ ବାଳିକା ଦିବସ

ଲିଙ୍ଗଗତ ଭେଦଭାବ ଦୂର କରି, ଶିକ୍ଷା ଓ ସୁବିଧା ଏବଂ ଅନ୍ୟ ସମସ୍ତ କ୍ଷେତ୍ରରେ ବାଳିକାମାନଙ୍କୁ ସମାନ ଅଧିକାର ଦେବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ଲାଗି ଆଜି ଆନ୍ତର୍ଜାତିକ ବାଳିକା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ଭବିଷ୍ୟତ ପ୍ରତି ବାଳିକାମାନଙ୍କ ସଂକଳ୍ପ ।**

ଜାତିସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ସାରା ବିଶ୍ୱରେ ବାଳିକା ମାନଙ୍କ ସ୍ୱର ଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ସେମାନଙ୍କ ଦୃଷ୍ଟିକୋଣରେ ସଂକଳ୍ପ ଭାବନା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ । ଆଜିର ସମୟରେ ବାଳିକାମାନେ ଜଳବାୟୁ ସମସ୍ୟା, ବିବାଦ, ଦାରିଦ୍ର୍ୟ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଅଧିକାରରୁ ବଞ୍ଚିତ ହେଉଛନ୍ତି । ମାନବିକ ଅଧିକାର ସହ ସେମାନଙ୍କ ବିକାଶ ଲାଗି ଲିଙ୍ଗଗତ ସମାନତା ଅତ୍ୟନ୍ତ ଜରୁରୀ ବୋଲି ଜାତିସଂଘ କହିଛି । ବିଶ୍ୱର ଅନେକ ଦେଶରେ ବାଳିକାମାନଙ୍କୁ ସେମାନଙ୍କ ଅଧିକାର ନ ଦିଆଯିବା ଏବଂ ଭବିଷ୍ୟତ ପାଇଁ ସେମାନଙ୍କର ଇଚ୍ଛାକୁ ସୀମିତ କରିଦେବା ଫଳରେ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ତେଣୁ ବାଳିକାମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତେ ଚେଷ୍ଟା କରିବା ଲାଗି

ଜାତିସଂଘ ଆହ୍ୱାନ ଦେଇଛି । ୨୦୧୧ ଡିସେମ୍ବର ୧୮ରେ ଜାତିସଂଘ ସାଧାରଣ ସଭାର ପ୍ରସ୍ତାବ ଅନୁଯାୟୀ ପ୍ରତ୍ୟେକ ବର୍ଷ ଆଜିର ଦିନକୁ ଆନ୍ତର୍ଜାତିକ ବାଳିକା ଦିବସ ଭାବେ ପାଳନ କରାଯାଇ ଆସୁଛି ।

## କୋଲକାତା- ଡାକ୍ତର ଧାରଣା

କୋଲକାତା ଆର୍.ଜି. କର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କ ସହ ଦୁଷ୍କର୍ମ ଓ ହତ୍ୟାକୁ ବିରୋଧ କରି ଆମରଣ ଅନଶନରେ ଭାଗ ନେଇଥିବା ଡାକ୍ତର ଅନିକେତ ମହତୋଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆମରଣ ଅନଶନରେ ବସିଥିବା ୭ ଜଣ ଜୁନିୟର ଡାକ୍ତରଙ୍କ ମଧ୍ୟରୁ ଜଣେ କହିଛନ୍ତି ଡାକ୍ତର ଅନିକେତଙ୍କ ସ୍ୱାସ୍ଥ୍ୟାବସ୍ଥା ସକାଳୁ ଖରାପ ହେବା ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟା ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇଥିଲା । ଡାକ୍ତର ଅନିକେତଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ଗତ ଶନିବାର ଠାରୁ ସେଠାକାର ବିଭିନ୍ନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ୬ ଜଣ ଜୁନିୟର ଡାକ୍ତର ଆମରଣ ଅନଶନ ଆରମ୍ଭ କରିଥିଲେ । ତା'ପରଦିନ ଡାକ୍ତର ଅନିକେତ ଅନଶନରେ ସାମିଲ ହୋଇଥିଲେ ।

## ଶିକ୍ଷା ମନ୍ତ୍ରଣାଳୟ- ମାନସିକ ସ୍ୱାସ୍ଥ୍ୟ

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଗତକାଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏକ ରାଷ୍ଟ୍ରୀୟ ଅନ୍‌ଲାଇନ୍ କର୍ମଶାଳା ଆୟୋଜିତ ହୋଇଥିଲା । ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ଦିଲ୍ଲୀର ମାନସିକ

ରୋଗ ବିଭାଗର ପ୍ରଫେସର ଡାକ୍ତର ରାଜେଶ ସାଗର ଏହି କର୍ମଶାଳାରେ ବିଭିନ୍ନ ପ୍ରକାରର ଚିନ୍ତା ଓ ମାନସିକ ଅବସାଦ ସଂପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୫୦ ପ୍ରତିଶତ ମାମଲା ୧୪ ବର୍ଷରୁ କମ୍ ବୟସରେ ଦେଖାଦେଇଥାଏ । ସେ କହିଥିଲେ ପାଠପଢ଼ା ବୋଝ, ବାପମାଆଙ୍କ ପରିଶ୍ରମ ଏବଂ ପିଲାଙ୍କୁ ବିଭିନ୍ନ କାରଣ ଲାଗି ଡରାଇବା ଓ ଧମକ ଦେବା ଭଳି ଘଟଣା ଯୋଗୁଁ ଏଭଳି ଘଟିଥାଏ ।

ଏହି କର୍ମଶାଳାର ଅନ୍ୟ ଏକ ଅଧିବେଶନରେ ସାଇବର ଅପରାଧ ସଂପର୍କରେ ପୋଲିସ୍ ଆୟୁକ୍ତ ଡକ୍ଟର ରଶ୍ମୀ ଶର୍ମା ଯାଦବ ସୂଚନା ପ୍ରଦାନ କରି ଛୋଟ ପିଲାମାନେ କିଭଳି ସାଇବର ଠକେଇରୁ ଦୂରେଇ ରହିପାରିବେ ଏବଂ ସେମାନଙ୍କ ପାଇଁ ସାଇବର ସୁରକ୍ଷା ସୃଷ୍ଟି କରାଯିବ, ସେ ସଂପର୍କରେ କହିଥିଲେ ।

# ଫ୍ରାନ୍ସ ପ୍ରେସିଡେଣ୍ଟ କଣ୍ଡୋଲେନ୍ସ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଟାଟା କମ୍ପାନୀ ସମୂହର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିଳ୍ପପତି ରତନ ଟାଟାଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି । ଭାରତରେ ଅବସ୍ଥାପିତ ଫ୍ରାନ୍ସ ଦୂତାବାସ ଦ୍ୱାରା ସାମାଜିକ ଗଣମାଧ୍ୟମରେ ଜାରି କରାଯାଇଥିବା ଏକ ପୋଷ୍ଟରେ ଶ୍ରୀ ମାକ୍ରୋନ୍ କହିଛନ୍ତି ଫ୍ରାନ୍ସ ଭାରତରେ ତା'ର ଏକ ଘନିଷ୍ଠ ମିତ୍ରଙ୍କୁ ହରାଇଛି । ସେ କହିଛନ୍ତି ରତନ ଟାଟାଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ବିନିର୍ମାଣ କ୍ଷେତ୍ରରେ ପାରଦର୍ଶୀ ଭୂମିକା ଯୋଗୁଁ ଭାରତ ଏବଂ ଫ୍ରାନ୍ସରେ ଉଦ୍ୟୋଗ କ୍ଷେତ୍ରରେ ଅନେକ ବିକାଶ ଘଟିଛି ।

ସୂଚନାଯୋଗ୍ୟ ୮୬ ବର୍ଷ ବୟସରେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କର ପରଲୋକ ଘଟିବା ପରେ ଗତକାଲି ମୁମ୍ବାଇର ଓ୍ୱର୍ଲି ଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଗତକାଲି ମୁମ୍ବାଇରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ ।

# ଇସ୍ରାଏଲ୍ ଆଟାକ୍

ଗାଜାର ଏକ ସ୍କୁଲ୍‌ରେ ଆକାଶମାର୍ଗରୁ ଇସ୍ରାଏଲ୍ ଆକ୍ରମଣ କରିଛି । ଏଥିରେ ୨୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୪ ଜଣ ଗୁରୁତର ଆହତ ହୋଇଛନ୍ତି । ପାଲେଷ୍ଟାଇନ୍ ରେଡ୍ କ୍ରିସେଣ୍ଟ ଅନୁଯାୟୀ ଡେୟାର୍ ଅଲ୍ ବଲାହ ଠାରେ ଥିବା ରୁଫୈଦା ଅଲ୍-ଇସ୍‌ଲାମିଆ ସ୍କୁଲ୍ ଉପରେ ଆକ୍ରମଣ କରାଯାଇଥିଲା । ସଂପୃକ୍ତ ବିଦ୍ୟାଳୟରେ ବିସ୍ଥାପିତ ପରିବାର ଗୁଡ଼ିକ ଆଶ୍ରୟ ନେଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସ୍କୁଲ୍‌ର ଯେଉଁ କୋଠରୀରେ ଖାଦ୍ୟପଦାର୍ଥ ସଂରକ୍ଷିତ ରଖାଯାଇଥିଲା, ସେହି କୋଠରୀକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା । ତେବେ ସେହି ସ୍କୁଲ୍‌ରେ ହମାସ୍ ଆତଙ୍କବାଦୀମାନେ ରହୁଥିଲେ ବୋଲି ଇସ୍ରାଏଲ୍ ସେନା କହିଛି ।

ଲେବାନନ୍‌ର ବେରୁଟରେ ୨ଟି ଜନାକୀର୍ଣ୍ଣ ଅଞ୍ଚଳରେ ଇସ୍ରାଏଲ୍ ଆକ୍ରମଣରେ ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧୭ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ହିଜିବୁଲ୍ଲା ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରାଯାଇଥିବା ଇସ୍ରାଏଲ୍ କହିଛି । ଏହି ଘଟଣାରେ ଜାତିସଂଘ ଲେବାନନ୍‌ରେ ହୋଇଥିବା ଆକ୍ରମଣକୁ

ମାନବୀୟ ଆଇନ ଉଲ୍ଲଂଘନ ବୋଲି କହିଛି । ଆକ୍ରମଣରେ ଜାତିସଂଘର ୨ ଜଣ ଶାନ୍ତି ରକ୍ଷକ ଆହତ ହୋଇଥିବା ଜଣାପଡ଼ିଛି ।

## ହରିକେନ୍ ମିଲ୍‌ଟନ

ଭୟଙ୍କର ସାମୁଦ୍ରିକ ଝଡ଼ ମିଲ୍‌ଟନ ପ୍ରଭାବରେ ଆମେରିକାର ଫ୍ଲୋରିଡାରେ ପ୍ରବଳ କ୍ଷୟକ୍ଷତି ଘଟିଛି । ମିଲଟନ ପ୍ରଭାବରେ ୧୦ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ଲକ୍ଷରୁ ଅଧିକ ଲୋକ ବିଦ୍ୟୁତ୍ ସରବରାହ ବ୍ୟାହତ ଯୋଗୁଁ ଅନ୍ଧାରରେ ଅଛନ୍ତି । ବୁଧବାର ରାତିରେ ମିଲଟନ ଫ୍ଲୋରିଡାର ପଶ୍ଚିମ ମଧ୍ୟ ଉପକୂଳ ସ୍ପର୍ଶ କରିଥିଲା । ଏବେ ଏହି ସାମୁଦ୍ରିକ ଝଡ଼ ଦୁର୍ବଳ ହେଉଥିବାରୁ ପରିସ୍ଥିତିରେ ପରିବର୍ତ୍ତନ ହେବ ବୋଲି କୁହାଯାଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଭୟଙ୍କର ସାମୁଦ୍ରିକ ଝଡ଼କୁ ଚଳିତ ଦଶନ୍ଧିର ସବୁଠାରୁ ବିନାଶକାରୀ ବାତ୍ୟା ବୋଲି ବର୍ଣ୍ଣନା କରିଛନ୍ତି । ସେଠାକାର ଗୃହ ମନ୍ତ୍ରଣାଳୟ ପରାମର୍ଶଦାତା ଏବଂ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ରାଷ୍ଟ୍ରପତିଙ୍କୁ ସ୍ଥିତି ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

## ମହିଳା ଟି-୨୦ ବିଶ୍ୱକପ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୮ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଏହି ବିଜୟ ସହ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ୍‌ରେ ଖେଳିବା ଲାଗି ନିକଟତର ହୋଇଛି । ୟୁନାଇଟେଡ୍ ଆରବ ଏମିରେଟ୍‌ସର ସାରଜା ଠାରେ ଗତକାଲି ପ୍ରଥମ ବ୍ୟାଟିଂ କରି ବାଂଲାଦେଶ ୮ ୱିକେଟ୍‌ରେ ୧୦୩ ରନ୍ ସ୍କୋର୍ କରିଥିଲା । ଦଳର ଅଧିନାୟିକା ନିଗା ସୁଲତାନା ୪୪ଟି ବଲ୍‌ରେ ୩୯ ରନ୍ କରିଥିଲେ ।

ଜବାବରେ ୱେଷ୍ଟଇଣ୍ଡିଜ୍ ୪୩ଟି ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳର ଷ୍ଟେଫାନି ଟେଲର ଏବଂ ମାଥ୍ୟୁଜ୍ ୭ ଓଭର ଏବଂ ୩ଟି ବଲ୍‌ରେ ୯୨ ରନ୍ କରିଥିଲେ । ଏବେ ଅଙ୍କ ତାଲିକାରେ ୱେଷ୍ଟଇଣ୍ଡିଜ୍ ଟିମ୍ ୩ଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍‌ରେ ବିଜୟ ହାସଲ କରି ଶୀର୍ଷରେ ରହିଛି । ଆଜି ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।